ODM EDUCATIONAL GROUP
Changing your Tomorrow

# ODM PUBLIC SCHOOL

| | |
|---|---|
| SESSION : | ୦୪ |
| CLASS : | ଚତୁର୍ଥ ଶ୍ରେଣୀ |
| SUBJECT : | ଓଡ଼ିଆ |
| CHAPTER : | ଭାରତ ର ବୁଲ୍‌ବୁଲ୍ |
| SUBTOPIC : | ବ୍ୟାଖ୍ୟା ଓ କଠିନ ଶବ୍ଦ |

ODM EDUCATIONAL GROUP
Changing your Tomorrow

# ଶୈକ୍ଷିକ ଉଦ୍ଦେଶ୍ୟ

ମହାନ ବିଦୁଷୀ ସରୋଜିନୀ ନାଇଡୁ ଙ୍କ ବିଷୟ ରେ ପଢିବା ଓ ଜାଣିବା




ODM
EDUCATIONAL GROUP
Changing your Tomorrow
ଭାରତର ବୁଲ୍ ବୁଲ୍

# ଭାରତର ବୁଲ୍ ବୁଲ୍

ODM EDUCATIONAL GROUP
Changing your Tomorrow



୧୯୦୩ ମସିହାରେ ବମ୍ବେ (ମୁମ୍ବାଇ ) ରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଏକ ବିରାଟ ସଭା ହେଉଥାଏ । ସେହି ସଭାରେ ସେ ନିଜେ ଇଂରାଜୀ ରେ ଲେଖିଥିବା ଏକ ଉଦ୍-ବୋଧନ ମୂଳକ କବିତା ସୁନ୍ଦର ସ୍ୱରରେ ଗାନ କରିଥିଲେ । ତାଙ୍କ କଣ୍ଠ ସ୍ୱର କୋକିଳ ର ସ୍ୱର ଭଳି ଖୁବ ମଧୁର ଥିଲା । ସେହି କବିତା ଟି ସେଠାରେ ଉପସ୍ଥିତ ଥିବା ସମସ୍ତ ଙ୍କ ହୃଦୟ କୁ ଗଭୀର ଭାବରେ ସ୍ପର୍ଶ କରିଥିଲା । ସେ ଯେଭଳି ସୁନ୍ଦର ସୁନ୍ଦର କବିତା ରଚନା କରୁଥିଲେ ତାକୁ ସେଭଳି ସୁନ୍ଦର ସ୍ୱରରେ ଗାନ କରିପାରୁଥିଲେ । ସେଥିପାଇଁ ତାଙ୍କୁ କୁହାଯାଉଥିଲା "**ଭାରତର ବୁଲ୍‌ବୁଲ୍**"

# ଭାରତର ବୁଲ୍ ବୁଲ୍

ODM EDUCATIONAL GROUP
Changing your Tomorrow



ପରବର୍ତ୍ତୀ କାଳରେ ସରୋଜିନୀ ନାଇଡୁ ଭାରତର ସ୍ୱାଧୀନତା ସଂଗ୍ରାମ ରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ । ୧୯୧୪ ମସିହାରେ ପ୍ରଥମ ଥର ପାଇଁ ସେ ଗାନ୍ଧିଜୀ ଙ୍କୁ ଭେଟିଲେ । ଗାନ୍ଧୀଙ୍କ ନୀତି, ଆଦର୍ଶ ଓ ସରଳତା ତାଙ୍କୁ ପ୍ରଭାବିତ କରିଥିଲା । କବିତା ଓ ଭଲ ଭାଷଣ ଦେବାର ଦକ୍ଷତା ସହ ରାଜନୀତି କ୍ଷେତ୍ରରେ ମଧ୍ୟ ତାଙ୍କର ନିପୁଣତା ପ୍ରକାଶିତ ହୋଇଥିଲା । ୧୯୩୦ ମସିହା କଥା । ସେତେବେଳକୁ ଭାରତରେ ଲବଣ ସତ୍ୟାଗ୍ରହ ଚାଲିଥାଏ । ଗାନ୍ଧିଜୀ ସତ୍ୟାଗ୍ରହ ରେ ମାତିଥାନ୍ତି । ଇଂରେଜମାନେ ଯେତେବେଳେ ଗାନ୍ଧିଜୀଙ୍କୁ ଗିରଫ କଲେ, ସରୋଜିନୀ ନାଇଡୁ ଏହି ସତ୍ୟାଗ୍ରହ ର ନେତୃତ୍ୱ ନେଇ ଆନ୍ଦୋଳନ କୁ ଚାଲୁ ରଖିଲେ । ଦେଶ ପାଇଁ ସେ ବହୁବାର କାରାବରଣ କରିଛନ୍ତି ଓ ବହୁ ଦୁଃଖକଷ୍ଟ ସହିଛନ୍ତି ।

# କଠିନ ଶବ୍ଦ

| | | |
|---|---|---|
| ବିରାଟ | – | ବହୁତ ବଡ଼ |
| ଉଦବୋଧନ | – | ଭାଷଣ |
| ଗାନ | - | ଗାଇବା |
| କୋକିଳ | – | କୋଇଲି |
| ସ୍ପର୍ଶ | – | ଛୁଇଁବା |
| ସକ୍ରିୟ | – | କ୍ରିୟାଶୀଳ |
| ଭେଟିଲେ | – | ଦେଖ୍ଲେ |



# ଭାରତର ବୁଲ୍ ବୁଲ୍

ODM EDUCATIONAL GROUP
Changing your Tomorrow

ଭାରତର ସ୍ୱାଧୀନତା ଲାଭ ପରେ ସେ ଉତ୍ତର ପ୍ରଦେଶର ରାଜ୍ୟପାଳ ପଦବୀ ମଣ୍ଡନ କରିଥିଲେ । ଏପରି ଗୌରବ ଅର୍ଜନ କରିବାରେ ସେ ହେଉଛନ୍ତି ଭାରତର ପ୍ରଥମ ମହିଳା। ରାଜ୍ୟପାଳ ରୂପେ କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ୭୦ ବର୍ଷ ବୟସରେ 1949 ମସିହା ମାର୍ଚ୍ଚ ୨ ତାରିଖରେ ତାଙ୍କର ମୃତ୍ୟୁ ହେଲା । ଭାରତ ବାସୀ ଙ୍କ ହୃଦୟ ରେ ତାଙ୍କ ର ସ୍ମୃତି ଚିରଦିନ ଅମଳିନ ହୋଇ ରହିଥିବ । ସେ କେବଳ ପ୍ରାଚ୍ୟ ଜଗତର କୋକିଳ ବା ଭାରତ ର ଭାରତ ର ବୁଲ୍‌ବୁଲ୍ ନ ଥିଲେ, ସେ ଥିଲେ ପ୍ରକୃତ ରେ ହୀରାଟିଏ ।



# କଠିନ ଶବ୍ଦ

ODM EDUCATIONAL GROUP
Changing your Tomorrow

| | | |
|---|---|---|
| ଲବଣ | – | ଲୁଣ |
| ମାତିଥାନ୍ତି | – | ଭାଗନେଇଥାନ୍ତି |
| ନେତୃତ୍ୱ | - | ପରିଚାଳନା |
| ମଣ୍ଡନ | – | ଶୋଭା ପାଇବା |
| ଅର୍ଜନ | – | ପାଇବା |
| ଅମଳିନ | – | ଯାହା ମଳିନ ପଡେ ନାହିଁ |
| ପ୍ରାଚ୍ୟ | – | ପୂର୍ବ |



ODM EDUCATIONAL GROUP
Changing your Tomorrow

# ଗୃହକର୍ମ

ବହି ପ୍ରଶ୍ନ ୭ ରେ ଆଲୋଚନା କରାଯାଇଥିବା ସର୍ବନାମ କୁ  ଖାତାରେ ଲେଖ



# THANKING YOU

# ODM EDUCATIONAL GROUP